# Akashvani, Sambalpur

## SAMBALPURI NEWS EVENING BULLETIN

## 6 August 2024- 7.02 pm- 7.12 pm.

**********************************************

୧- ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏବା କାଏଲ୍ ପାଲନ୍ କରାଯିବା ୧୦ ନମ୍ବର୍ ହସ୍ତତନ୍ତ ଦିବସ୍ ।

- ବୁଣାକାର୍ ମାନ୍‌କୁ ଦିଆଯିବା ସନ୍ଥକବିର୍ ପୁରସ୍କାର୍ ।

୨- ଦେଶେ ୨୦୧୫ ମସିହା ଉତ୍ରୁ ୭୩ ପ୍ରତିଶତ୍ କମିଛେ ମାଓହିଂସା ।

୩- ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ନୂଆପଡ଼ା ଏନ୍‌ଏସି ନ ୪୬ ଟା ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ଆଏବାକାଏଲ୍ ହେବା ମାହାପୁରୁଙ୍କର୍ ବନକଲାଗି ନୀତି ।

ଜାତୀୟ ହସ୍ତତନ୍ତ ଦିବସ        ପି.ଆଇ.ବି.

ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଆଏବା କାଏଲ୍ ୧୦ ନମ୍ବର୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରାଯିବା । ଇଥି

ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବେ । ତାଙ୍କର୍ ସାଙ୍ଗେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ୍ ସିଂ ଆଉ କେନ୍ଦ୍ର ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା ଉପସ୍ଥିତ୍ ରହେବେ । ଇ କାର୍ଯ୍ୟକ୍ରମ୍‌ଥି ସାଂସଦ୍, ବିଶିଷ୍ଟ ବ୍ୟକ୍ତି, ଡିଜାଇନର୍ସ, ଶିଳ୍ପସଂସ୍ଥାମାନ୍‌କର୍ ପ୍ରତିନିଧିଙ୍କର୍ ସହେତେ ଦେଶର୍ ହଜାରେନୁ ଅଏତ୍‌କା ବୁଣାକାର୍ ସାମିଲ୍ ହେବେ । ଇ ଦିବସ୍ ଅବ୍‌ସରେ ହସ୍ତତନ୍ତ ବୁଣାକାର୍ କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ କରିଥିବା ବୁଣାକାର୍‌ମାନ୍‌କୁ ସନ୍ଥକବିର ପୁରସ୍କାର୍ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ସ୍ୱଦେଶୀ ଦରବ୍‌କେ ତହଁକାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହା ଅଗଷ୍ଟ୍ ୭ ତାରିଖ୍ ଦିନ ପହେଲା ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରିଥିଲେ । ସେଦିନୁ ଫି’ ବଛର୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରାଯାଇଆସୁଛେ ।

କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ପି.ଆଇ.ବି.

ଦେଶେ ମାଓ କାର୍ଯ୍ୟକଲାପ କମ୍‌ବାର୍‌କେ ଲାଗିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମାଓ କାର୍ଯ୍ୟକଲାପ୍ ରୋକ୍‌ବାର୍‌କେ ୨୦୧୫ ମସିହାନୁ ଗୁଟେ ନୀତି ଆସ୍‌ବାର୍ ଉତ୍‌ରୁ ମାଓ ହିଂସା ୭୩ ପ୍ରତିଶତ୍ କମିଛେ ବଲି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ । ସଂସଦ୍ ନ ଗୁଟେ ପ୍ରଶ୍ନର୍ ଲିଖିତ୍

ଉତର୍ ଦେଇକରି ସେ କହିଛନ୍ ଯେ, ଓଡ଼ିଶାର୍ କଲାହାଣ୍ଡି, କନ୍ଧମାଲ୍, ବଲାଙ୍ଗିର୍, ମାଲ୍‌କାନ୍‌ଗିରି, ନବରଙ୍ଗ୍‌ପୁର୍, ନୂଆପଡ଼ା, ରାୟଗଡ଼ା ଜିଲ୍ଲା ନ ଏଛେନ୍ ମାଓ କାର୍ଯ୍ୟକଳାପ ଦେଖ୍‌ବାର୍‌କେ ମିଲୁଛେ । ସେ ଆହୁରି କହିଛନ୍ ଯେ, ଦେଶେ ୨୦୧୦ ମସିହାଥି ମାଓବାଦୀମାନ୍‌କର୍ ଲାଗି ସୁରକ୍ଷା କର୍ମୀ ଆର୍ ସାଧାରଣ୍ ଲୁକ୍‌କୁ ମିଶେଇକରି ହଜାରେ ୫ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୨୦୨୩ ମସିହାଥି ଶହେ ୩୮ ଝନ୍‌କର୍ ଜୀବନ୍ ଯାଇଛେ । ସେନ୍ତା ୨୦୧୩ ମସିହାଥି ୧୦ ଟା ରାଜ୍ୟର୍ ଶହେ ୨୬ ଟା ଜିଲ୍ଲା ନ ମାଓ କାର୍ଯ୍ୟକଳାପ ଦେଖ୍‌ବାର୍‌କେ ମିଲୁଥିବାର୍ ବେଲେ ଏଛେନ୍ ୯ ଟା ରାଜ୍ୟର୍ ୩୮ ଟା ଜିଲ୍ଲା ନ ମାଓକାର୍ଯ୍ୟକଳାପ ଦେଖ୍‌ବାର୍‌କେ ମିଲୁଛେ ବଲି ମନ୍ତ୍ରୀ କହିଛନ୍ ।

ସ୍ୱାସ୍ଥ୍ୟ ସୁରକ୍ଷା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜ୍‌ନାଥି ସାରା ଦେଶେ ୨୨ଟା ନୂଆଁ ଅଖିଲ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍ - ଏମ୍ସ ପ୍ରତିଷ୍ଠାନ୍‌କେ ସର୍‌କାର୍ ମଞ୍ଜୁରୀ ଦେଇଛନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ । ଆଏଜ୍ ରାଜ୍ୟସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ସେ ଭିତ୍‌ରୁ ୧୯ ଟା ଏମ୍ସ ପ୍ରତିଷ୍ଠାନ୍ ଦେଶେ କାମ୍ କରୁଛେ ।

ବିଶ୍ୱସ୍ତରୀୟ ସଡ଼କ୍ ଯୋଜ୍ନା ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ୭୫ ହଜାର୍ କିଲୋମିଟର୍ ରାସ୍ତାକେ ବିଶ୍ୱସ୍ତରୀୟ ରାସ୍ତା କର୍ବାର୍ ଲାଗି ସର୍କାରୀସ୍ତର୍ ନ ପଦକ୍ଷେପ୍ ନିଆଯାଇଛେ । ରାଜ୍ୟ ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍ଥି ଇ ବାବ୍ଦେ ଆଲୋଚନା ହେଇଛେ । ଆଏବା ୫ ବଛର୍ ଭିତ୍ରେ ଇ ରୂପାନ୍ତରଣ୍ କାମ୍ କର୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥିର୍ଲାଗି ବିସ୍ତୃତ ରୂପରେଖ ତିଆର୍ କର୍ବାର୍ ଲାଗି ବିଭାଗ୍ମାନ୍କୁ କୁହାଯାଇଛେ । ସେଥିର୍ଭିତ୍ରୁ ଜାତୀୟ ରାଜପଥ ପ୍ରାଧିକରଣ୍ ୧ ହଜାର୍ କିଲୋମିଟର୍ ରାସ୍ତାକେ ବିଶ୍ୱସ୍ତରୀୟ ରାସ୍ତାଥି ରୂପାନ୍ତରିତ୍ କର୍ବାର୍ ଲାଗି ବୈଠକ୍ଥି ପ୍ରତିଶ୍ରୁତି ଦେଇଛେ । ଇ କାମ୍ର ସଫଲ୍ କାର୍ଯ୍ୟାନ୍ୱୟନ୍ ନେଇକରି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ତଦାରଖ୍ କମିଟି ଗଠନ୍ କରାଯିବା । ଉନ୍ନୟନ୍ କମିଶନର୍ଙ୍କର୍ ସହେତେ ୬ ଟା ବିଭାଗ୍ର ସଚିବ ଇ କମିଟିର୍ ସଭ୍ୟ ରହେବେ ବଲି ବୈଠକ୍ଥି ନିଷ୍ପତି ହେଇଛେ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ଆର୍ଏନ୍ୟୁ/ କଟକ୍

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାଥି ଦେଶର୍ ୧୧ କୋଟି ହିତାଧିକାରୀଙ୍କୁ ୩ ଲାଖ୍ ୨୪ ହଜାର୍ କୋଟି ଟଙ୍କା ଦିଆଗଲାନ ବଲି କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍‌ମନ୍ତ୍ରୀ ରାମ୍‌ନାଥ ଠାକୁର୍ କହିଛନ୍ । ଲୋକ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍‌ଥି ସେ କହିଛନ୍ ଯେ, ଟଙ୍କା ଦେବାର୍ ସୁବିଧା ଆଧାର୍‌ଥି ୧୭ ଟା ଖେପେ ଇ ଟଙ୍କା ଦିଆଯାଇଛେ । ସେ କହିଛନ୍ ଯେ, ଇ ଯୋଜ୍‌ନା ଅଧୀନ୍‌ଥି ହିତାଧିକାରୀଙ୍କୁ ୩ ଟା ଖେପେ ବଛର୍‌କ ୬ ହଜାର୍ ଟଙ୍କା ସାହାଜ୍ ଟଙ୍କା ଦିଆଯାଏସି ।

ବିଜେପି ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍‌ର ବିଜେପି ରାଜ୍ୟ କାର୍ଯ୍ୟାଲୟ ନ ରାଜ୍ୟ ଶାଖା ସଭାପତି ମନମୋହନ୍ ସାମଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ୨ ଝନ୍ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଆର୍ ଲତା ଉଷେଣ୍ଡିଙ୍କର୍ ସହେତେ ଦଲର୍ ବହୁତ୍‌ଟେ ବରିଷ୍ଠ ନେତା ଆଉ କର୍ମୀ ଯୋଗ୍ ଦେଇକରି ଦଲର୍ ଆଏବା କାର୍ଯ୍ୟପନ୍ଥା ଉପ୍‌ରେ ଆଲୋଚନା କରିଛନ୍ । ରାଜ୍ୟ ଆଉ କେନ୍ଦ୍ର ବଜେଟ୍‌ର ଉଦ୍ଦେଶ୍‌କେ ଲୋକ୍‌ମାନ୍‌କର୍ ପାଖେ ପୁହୁଁଚାବାର୍

ଲାଗି ନିଆଯିବାର୍‌କେ ଥିବା ପଦକ୍ଷେପ୍ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ସାଇବର୍ ଅପରାଧ- ସିମ୍‌କାର୍ଡ୍ ଅଚଲ୍ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ସାଇବର୍ ଅପରାଧ୍ ମାମ୍‌ଲାଥି ୧ କୋଟି ୯୨ ଲାଖ୍ ସିମ୍‌କାର୍ଡ୍‌କେ ଅଚଲ୍ କରାଯାଇଛେ ବଲି ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ୍ ଚୌଧୁରୀ କହିଛନ୍ । ରାଜ୍ୟସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଶୂନ୍ୟ ସହନଶୀଲତା ନୀତି ଆଧାର୍‌ଥି ଇ ପଦକ୍ଷେପ୍ ନିଆଯାଇଛେ । ସାଇବର୍ ଅପରାଧ୍ ନେଇକରି ମିଲିଥିବା ୭ ଲାଖ୍ ୬୦ ହଜାର୍ ଅଭିଯୋଗ୍ ଆଧାର୍‌ଥି ୨ ହଜାର୍ ୪ ଶହ ୨୦ ଟଙ୍କା ଉଦ୍ଧାର୍ କରାଯାଇଛେ ବଲି ସେ କହିଛନ୍ । ଇ ବାବ୍‌ଦେ ସର୍‌କାର୍ ୧୯୩୦ ଟୋଲ୍‌ଫ୍ରି ନମ୍ବର୍ ଜାରି କରିଛନ୍ ବଲି ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ ।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର - ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ଗୃହ ଆଉ ନଗର୍ ଉନ୍ନୟନ୍, ସାଧାରଣ ଉଦ୍ୟୋଗ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ନୂଆପଡ଼ା ଜିଲ୍ଲାକେ ଦିନ୍‌କିଆ ଗସ୍ତ୍‌ଥି

ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ନୂଆପଡ଼ା ଏନ୍‌ଏସି ନ ୫ କୋଟି ୧୨ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୪୬ ଟା ପ୍ରକଳ୍ପକେ ମନ୍ତ୍ରୀ ଶ୍ରୀ ମହାପାତ୍ର ଉଦ୍‌ଘାଟନ୍ କରିଛନ୍ । ସେ ଭିତ୍‌ରେ ମୁକ୍ତା ଯୋଜ୍‌ନାଥି ୧ କୋଟି ୯୪ ଲାଖ୍ ଆଉ ୩ କୋଟି ୧୮ ଲାଖ୍ ଟଙ୍କା ଖର୍ଚ୍ଚାଥି ୨୨ ଟା ସଡ଼କ୍ ତିଆର୍ କରାଯାଇଛେ । ସେନ୍ତା ଗୁଟେ ବହୁମୁଖୀ ହଲ୍ ଆର୍ ସ୍ମାର୍ଟ ପାର୍କ ତିଆରି ଲାଗି ଭିତିପ୍ରସ୍ତର୍ ସ୍ଥାପନ୍ କରିଛନ୍ । ଇ ଅବ୍‌ସରେ ହେଇଥିବା ସଭାଥି ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ନ ଗଛ୍ ଲଗାବାର୍ ଲାଗି ସେ ଲୁକ୍‌କୁ ପରାମର୍ଶ ଦେଇଥିଲେ ।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ବଜେଟ୍‌ଥି ଫିʼସ୍ତରର୍ ଲୁକ୍‌କୁ ଧ୍ୟାନ୍ ଦେଇକରି ସାମଗ୍ରୀକ ବିକାଶ୍ ଉପ୍‌ରେ ଜୋର୍ ଦିଆଯାଇଛେ ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ନୂଆପଡ଼ା ବିଜେପି କାର୍ଯ୍ୟାଳୟ ନ ଆଏଜ୍ ସାମ୍ବାଦିକ୍‌ମାନ୍‌କୁ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ବଜେଟ୍ ବାବ୍‌ଦେ ସୂଚ୍‌ନା ଦେଇକରି ସେ- ରାଜ୍ୟ ବଜେଟ୍‌ଥି ଭିନ୍ ଭିନ୍ କ୍ଷେତ୍ର ଲାଗି ବଜେଟ୍‌ଥି ବ୍ୟବସ୍ଥା କରାଯାଇଛେ ବଲି କହିଛନ୍ । କେନ୍ଦ୍ର ବଜେଟ୍‌ଥି ଓଡ଼ିଶାର୍ ପର୍ଯ୍ୟଟନ୍ ଉପ୍‌ରେ

ସ୍ୱତନ୍ତ୍ର ଧ୍ୟାନ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ବନକଲାଗି ନୀତି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସର୍ ଉଜଲ୍ପଖର୍ ତୃତୀୟା ତିଥି ନ ଆଏବା କାଏଲ୍ ମାହାପୁରୁମାନ୍କର୍ ବନକଲାଗି ନୀତି ହେବା । ଇଥିର୍ଲାଗି ୨ ନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍ରୁ ଉପର୍ବେଲା ୫ ବଜେନୁ ରାତିର୍ ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ବନକଲାଗି ଉତ୍ରୁ ଶ୍ରୀଜୀଉମାନ୍କର୍ ମହାସ୍ନାନ ନୀତି ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ ।

ବଲାଙ୍ଗିର୍- ନୂଆଖାଇ ଲଗନ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ଜ୍ୟୋତିଷ୍ ପଣ୍ଡିତ ମହାସଭା ନ ନୂଆଖାଇ ଲାଗି ଲଗନ୍ ଧାରିଜ୍ କରାଯାଇଛେ । ଇ ବଛର୍ ଭୁଦୋ ଉଜଲ୍ପଖର୍ ପଂଚ୍ମୀ ତିଥି ସେପ୍ଟେମ୍ବର୍ ମାସ ୮ ତାରିଖ୍ ଦିନ ସଖାଲ୍ବେଲା ୯ ବାଜିକରି ୩୫ ମିନିଟ୍ନୁ ୧୦ ବାଜିକରି ୭ ମିନିଟ୍ ଭିତ୍ରେ ସାରା ବଲାଙ୍ଗିର୍ ଜିଲ୍ଲା ନ ନୂଆ ଖାଏବେ । ଆଘର୍ ପାଟ୍ନା ଷ୍ଟେଟ୍ ଆର୍

ମହାରାଜାଙ୍କର୍ ଇଷ୍ଟଦେବୀ ଶ୍ରୀ ଶ୍ରୀ ପାଟଣେଶ୍ୱରୀ ଆର୍ ସମଲେଶ୍ୱରୀଙ୍କର୍ ରାଶି ନକ୍ଷତ୍ର ଆଉ ଆଘର୍ ପରମ୍ପରା ଅନ୍‌ସାରେ ଇ ଲଗନ୍ ଧାରିଜ୍ କରାଯାଇଛେ ବଲି ରାଜପୁରୋହିତ ସନ୍ତୋଷ୍ ଦାଶ ଜନେଇଛନ୍ ।

ଏଡ୍‌ସ୍ ଜନସଚେତନତା-ମାରାଥନ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର୍ ସହରେ ଏଡ୍‌ସ୍ ରୋଗ୍ ବାବ୍‌ଦେ ଜନସଚେତନତା ସୃଷ୍ଟି କର୍‌ବାର୍ ଲାଗି ଗୁଟେ ଜିଲ୍ଲାସ୍ତରୀୟ ମାରାଥନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ସମଲେଶ୍ୱରୀ ମନ୍ଦିର୍ ଠାନୁ ଫୋର୍‌ସି ପଡ଼ିଆତକ୍ ହେଇଥିବା ଇ ମାରାଥନ୍‌ଥି ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀଙ୍କର୍ ସହେତେ କିନ୍ନର୍‌ମାନେ ଭିଲ୍ ଯୋଗ୍ ଦେଇଥିଲେ । ଇ ଜିଲ୍ଲାସ୍ତରୀୟ ମାରାଥନ୍‌କେ ଏଡିବିଏଚ୍‌ଓ ଡାକ୍ତର୍ ସଞ୍ଜିବ୍ କୁମାର୍ ତିରିଆ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ଇ ମାରାଥନ୍ ଫୋର୍‌ସି ପଡ଼ିଆ ନ ପୁହୁଁଚିଲା ଉତ୍‌ରୁ ମାରାଥନ୍‌ର ଶ୍ରେଷ୍ଠ ପ୍ରତିଯୋଗୀମାନ୍‌କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ରାଣୀ ମିଶ୍ର ପୁରସ୍କୃତ କରିଥିଲେ ।

ସାମୂହିକ୍ ଫାଇଲେରିଆ ଔଷଧ୍ ସେବନ        ବର୍ଗଡ଼୍
ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ନ ଆଏବା ୧୦ ତାରିଖ୍ନୁ ୧୯ ତାରିଖ୍ତକ୍ ସାମୂହିକ୍ ଫାଇଲେରିଆ ଔଷଧ୍ ସେବନ୍ ଅଭିଯାନ୍କେ ସଫଲ୍ କର୍ବାର୍ ଲାଗି ବର୍ଗଡ଼୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଗଣମାଧ୍ୟମ୍ ପ୍ରତିନିଧିମାନ୍କୁ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲା ନ ୧୬ ଲାଖ୍ ୩୩ ହଜାର୍ ଲୁକ୍କୁ ଫାଇଲେରିଆ ଉଷୋ ଦେବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ର ପ୍ରସ୍ତୁତି ବାବ୍ଦେ ବୈଠକ୍ଥି ସୂଚ୍ନା ଦିଆଯାଇଥିଲା ।

ବିଷାକ୍ତ ଗେସ୍ ଲିକ-୫ ଅସୁସ୍ଥ        ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ବୁଢ଼ୀପଦର୍ ଠାନେ ଥିବା ଗୁଟେ କାର୍ଖାନା ନ ବିଷାକ୍ତ ଗେସ୍ ଲିକ୍ ହେଇକରି ଝନ୍କର୍ ଜୀବନ୍ ଯାଇଥିବାର୍ ବେଲେ ୫ ଝନ୍ ଅସୁସ୍ଥ ହେଇଛନ୍ । ଅସୁସ୍ଥମାନ୍କୁ ଘରୋଇ ନର୍ସିଂହୋମ୍ ନ ଚିକିତ୍ସା କରାଯାଉଛେ ବଲି ଜନାପଡ଼ିଛେ ।

ବିଡ଼ି, ଖଣି ଶ୍ରମିକ ଛୁଆମାନ୍କର୍-ଛାତ୍ରବୃତି        ପି.ଆଇ.ବି.

କେନ୍ଦ୍ର ଶ୍ରମ ଆଉ ନିୟୋଜନ୍ ମନ୍ତ୍ରଣାଳୟ ତର୍ଫୁ ବିଡ଼ି ଆଉ ଖଣି ଶ୍ରମିକଙ୍କର୍ ଛୁଆମାନ୍‌କର୍ ଲାଗି ଦିଆଯାଉଥିବା ବାର୍ଷିକ୍ ଛାତ୍ରବୃତି ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ୧ ନୁ ୧୦ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନେ ଇ ମାସର୍ ୩୧ ତାରିଖ୍‌ତକ୍ ଆଉ ୧୧ ନୁ ଉପର୍‌କ୍ଲାସ୍‌ର ଛାତ୍ରଛାତ୍ରୀମାନେ ଅକ୍ଟୋବର୍ ମାସର୍ ୩୧ ତାରିଖ୍‌ତକ୍ ଜାତୀୟ ଛାତ୍ରବୃତି ପୋର୍ଟାଲ୍ https://scholarships.gov.in ଥି ଆବେଦନ୍ କରିପାର୍‌ବେ ।

ବୌଦ୍ଧ- ବର୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହରେ ଗଲା ୨୪ ଘଂଟା ଭିତ୍‌ରେ ଶହେ ୪୪ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ସହରର୍ କେତେ ଜାଗା ନ ବର୍ଷା ପାଏନ୍ ଜମ୍‌ବାର୍ ସହେତେ ଘର୍‌ମାନ୍‌କେ ବର୍ଷାପାଏନ୍ ପଶିଯାଇଛେ । ଗଲାକାଏଲ୍‌ଠାନୁ ଥର୍‌କେ ଥର୍ ଜବର୍ ବର୍ଷା ହଉଥିବାର୍‌ନୁ ଲୁକେ ବହୁତ୍ ଅସୁବିଧାର୍ ସମ୍ମୁଖୀନ୍ ହେଇଛନ୍ । ବୌଦ୍ଧଗଡ଼ ଏନ୍‌ଏସିର ୧ ନମ୍ବର୍ ୱାର୍ଡ଼ର ତଲିଆ ଇଲାକା ନ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛେ । ବର୍ଷାପାଏନ୍‌ଥି ପ୍ରଭାବିତ୍ ହେଇଥିବା ଲୋକ୍‌ମାନ୍‌କୁ ପ୍ରଶାସନ୍ ତର୍ଫୁ ରନ୍ଧା ଖାଦ୍ୟ ଯୁଗେଇ ଦିଆଯାଉଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ସମ୍ବଲପୁର

ମୌସୁମୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୩ ଦିନତକ୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚନା ମିଲିଛେ । ସେଆଡ଼େ ଆଏବା କାଏଲ୍ ବର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍ ସହେତେ ୧୩ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।